# ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 23-02-2024

ଗଜପତି(ଓଡିଶା) - :2024-02-23 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-02-24 | 2024-02-25 | 2024-02-26 | 2024-02-27 | 2024-02-28 |
|---|---|---|---|---|---|
| ବର୍ଷା (ମିମି) | 1.0 | 10.0 | 7.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 35.0 | 33.0 | 34.0 | 34.0 | 35.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 19.0 | 21.0 | 21.0 | 20.0 | 19.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 86 | 96 | 92 | 85 | 65 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 25 | 32 | 41 | 29 | 24 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 6 | 7 | 6 | 7 | 6 |
| ପବନର ଦିଗ (ଡିଗ୍ରୀ) | 206 | 180 | 152 | 135 | 117 |
| ମେଘାଚ୍ଛନ (ଅକ୍ଟା) | 4 | 6 | 6 | 0 | 0 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ରବିବାର ଦିନ ପର୍ଯ୍ୟନ୍ତ ଅତି ହାଲୁକା ରୁ ହାଲୁକା ବର୍ଷା ହୋଇପାରେ ଏବଂ ତା'ପରେ ମଙ୍ଗଳବାର ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସହିତ ଆକାଶ ସଫା ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୬.୦ ରୁ ୦୭.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୪.୦° ସେଲସିୟସ ରୁ ୩୫.୦° ସେଲସିୟସ ଏବଂ ୧୯.୦° ସେଲସିୟସ ରୁ ୨୧.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୬୫ ରୁ ୯୬ ଶତକଡା ଏବଂ ୨୪ ରୁ ୪୧ ଶତକଡା ମଧ୍ୟରେ ରହିପାରେ ।

## ସାଧାରଣ ଉପଦେଶ:

ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୫.୦° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୧୮.୧° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୦.୮ ମିଲିମିଟର ବର୍ଷା ହୋଇଅଛି ଦିନରେ ଅତ୍ୟଧିକ ତାପମାତ୍ରା ବୃଦ୍ଧି ଏବଂ କମ୍ ଆର୍ଦ୍ରତା ରହୁଥିବାରୁ ଚାଷୀ ଭାଇ ଓ ଭଉଣୀମାନେ ଆବଶ୍ୟକତା ଅନୁଯାୟୀ ଫସଲ ଏବଂ ପନିପରିବାରେ ହାଲୁକା ଜଳସେଚନ କରନ୍ତୁ । ହାଲୁକା ଜଳସେଚନ ଫସଲର କ୍ଷତି ହ୍ରାସ କରିପାରେ । ଜମିର ବତର ଦେଖି ଜଳ ସେଚନ କରନ୍ତୁ । କୃଷକମାନେ ଘାସ ବାଛନ୍ତୁ । ପନିପରିବା ଚାରା କୁ ଅଧିକ ତାପମାତ୍ରା ରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ଲଗାନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ସର୍ବଦା କୀଟନାଶକ ମଧ୍ଯରୁ ଯେକୌଣସି ଗୋଟିଏ କୁ ବାରମ୍ବାର ପ୍ରୟୋଗ ନକରି ଅଦଳ ବଦଳ କରି ପ୍ରତି ୧୫ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ । |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ରୁଆ ଯାଇଥିବା ଧାନ ବର୍ତମାନ ପିଲ ହେବା ରୁ ଗର୍ଭ (୪ – ୭ ସପ୍ତାହ) ଅବସ୍ଥାରେ ଅଛି । ଧାନ ଫସଲରେ ଗଣ୍ଠି ଛାଡିବା ବା ଗର୍ଭ ସଂଚାର ଆରମ୍ଭ ହେବା ଅବସ୍ଥାରେ ଏକର ପ୍ରତି ୨୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ବାୟୁମଣ୍ଡଳ ର ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଧାନ ଫସଲ ରେ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ରହିଛି । ଧାନ ଫସଲରେ କାଣ୍ଡବିନ୍ଧା ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି Fipronil ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Flubendiamide ନାମକ କୀଟନାଶକ କିମ୍ବା ୬୦-ମିଲି Chlorantraniliprole ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Chromafenozide ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ବାଦାମ | ବାୟୁମଣ୍ଡଳ ର ତାପମାତ୍ରା ବଢିବା ଯୋଗୁଁ ଚିନାବାଦାମ ଫସଲରେ ଶୋଷକ ପୋକ ଯଥା ଜଉ ଓ ପତ୍ର ଉକୁଣି ପୋକ ର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ରହିଛି । ଚିନାବାଦାମ ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ଓ ପତ୍ର ଉକୁଣି ପୋକ ର ଆକ୍ରମଣ କମ ଦେଖାଦେଉଥିଲେ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଜଉ ଓ ପତ୍ର ଉକୁଣି ପୋକ ର ପରଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥାୟମେଥୋକଜାମ ନାମକ କୀଟନାଶକ କିମ୍ବା ୫୦-ମିଲି ଇମିଡାକ୍ଲୋପ୍ରିଡ ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପ୍ରାଥମିକ ଅବସ୍ଥାରେ ଚିନାବାଦାମ ଫସଲରେ ପତ୍ର ସୁଡଙ୍ଗୀ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି-ପ୍ରୋଫେନୋଫସ ନାମକ କୀଟନାଶକ କିମ୍ବା ୪୦୦ ମିଲି କ୍ଲୋରୋପାଇରିଫସ ଏବଂ ସାଇପରମେଥ୍ରିନ ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବର୍ତ୍ତମାନ ସମୟରେ ଚିନାବାଦାମ ଫସଲରେ ଟୀକା ରୋଗ ଲାଗିବାର ଅଛି । ଏହି ରୋଗ ଦ୍ଵାରା ଆକ୍ରାନ୍ତ ଗଛର ପତ୍ରର ତଳ ପଟେ ଗାଢ କଳା ଦାଗ ଦେଖାଯାଏ । ପରେ ଦାଗ ଗୁଡିକ ମିଶିଯାଇ ସମ୍ପୂର୍ଣ୍ଣ ପତ୍ରକୁ ମାଡିଯାଏ । ଅଧିକ ଆକ୍ରାନ୍ତ ହେଲେ ପତ୍ର, ଡେମ୍ଫ ଓ କାଣ୍ଡ କୁ ମଧ୍ୟ ବ୍ୟାପିଥାଏ ଓ ପରେ ପତ୍ରଗୁଡିକ ଝଡିପଡେ । ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ କ୍ଲୋରୋଥାଲୋନିଲ କିମ୍ବା ୬୦୦-ଗ୍ରାମ ମାଙ୍କୋଜେବ କିମ୍ବା ୩୦୦-ମି.ଲି ହେକ୍ସାକୋନାଜୋଲ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

### ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଆମ୍ବ | ଆମ୍ବ ଡାହାଣୀ ଏବଂ ପାଉଁଶିଆ ରୋଗ ପାଇଁ ଫଳ ଧରିବା(ଚଣା ଅବସ୍ଥା) ପରେ ପ୍ରତି ଲିଟର ପାଣିରେ ଇମିଡାକ୍ଲୋପ୍ରିଡ୍(୧୭.୮SL)କୁ ୦.୪ମିଲି ଏବଂ ହେକ୍ସାକୋନାଜୋଲ୍ ୭୫WP କୁ ୦.୫ଗ୍ରାମ କିମ୍ବା ଡିନୋକାପ୍ ୪ EC କୁ ୧ମିଲି ମିଶାଇ ସିଞ୍ଚନ କରନ୍ତୁ । ଫଳ ନ ଝଡିବା ପାଇଁ ଚଣା ଅବସ୍ଥାରେ ଏବଂ ବାଟୁଳି ଅବସ୍ଥା (Marble Stage) ରେ ଏନ.ଏ.ଏ ୨୦ ପିପିଏମ (ପ୍ଲାନୋଫିକ୍ସ ୦୪ ମିଲି ପ୍ରତି ଲିଟର) ସିଞ୍ଚନ କରନ୍ତୁ । ଆମ୍ବ ଫଳ ବିନ୍ଧା ପୋକ ର ମାତ୍ରା କୁ କମ କରିବା ପାଇଁ ଚଣା ଅବସ୍ଥାରେ ଡାଇକ୍ଲୋରୋଭୋସ୍ କୁ ୧.୫ ମିଲି ପ୍ରତି ଲିଟର ପାଣିରେ ମିଶାଇ ଗଛରେ ସିଞ୍ଚନ କରନ୍ତୁ । ପୂର୍ବ ବର୍ଷରେ ଆମ୍ବ ଟାକୁଆ ଘୁମାପୋକ କ୍ଷତି ଅଧିକ ଥିଲେ ଏହି ରାସାୟନିକ ସାର ମଧ ଗଣ୍ଡି ଏବଂ ଗଛ ମୂଳ ଚାରି ପାଖରେ ପ୍ରୟୋଗ କରାଯାଇପାରିବ । ଗଛ ରେ ଜଳସେଚନ କରନ୍ତୁ କିନ୍ତୁ ଗଛ ଚାରି ପାଖରେ ପଣି ଜମିବାକୁ ଦିଅନ୍ତୁ ନାହିଁ । |
| ଭେଣ୍ଡି | ଖରା ଦିନିଆ ଭେଣ୍ଡି ଚାଷ ପାଇନ ଏକର ପ୍ରତି ୪-କିଲୋଗ୍ରାମ ଉନ୍ନତ ବିହନ କିସମ କିମ୍ବା ୧.୫ - କିଲୋଗ୍ରାମ ଶଙ୍କର ବା ହାଇବ୍ରିଡ ବିହନ ଆବଶ୍ୟକ ହୁଏ। ବିହନ ବୁଣିବା ପୂର୍ବରୁ ୧-କିଲୋଗ୍ରାମ ବିହନରେ ୩-ଗ୍ରାମ Thiram ସହିତ ୭-ଗ୍ରାମ Imidacloprid 70 % WS କୀଟନାଶକ ମିଶାଇ ବିଶୋଧନ କଲେ ଫସଲରେ ରୋଗ ଓ ଶୋଷକ ପୋକର ପ୍ରାଦୁର୍ଭାବ କମିଯାଏ । ବିହନ ଲଗାଇବା ସମୟରେ ଉନ୍ନତ କିସମ ପାଇଁ ମୂଳ ସାର ହିସାବରେ ଏକର ପ୍ରତି ୨୬- କିଲୋଗ୍ରାମ DAP, ୨୦- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହିତ ୧୦- କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ଧାଡିକୁ ଧାଡି ୩୦ ସେମି ଏବଂ ଗଛ କୁ ଗଛ ୩୦ ସେମି ବ୍ୟବଧାନ ରେ ଲଗାନ୍ତୁ । ଶଙ୍କର ବିହନ ପାଇଁ ଏକର ପ୍ରତି ୩୫- କିଲୋଗ୍ରାମ DAP, ୨୫- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହିତ ୧୦- କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ଧାଡିକୁ ଧାଡି ୬୦ ସେମି ଏବଂ ଗଛ କୁ ଗଛ ୪୫ ସେମି ବ୍ୟବଧାନ ରେ ଲଗାନ୍ତୁ । |

### ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ପଶୁମାନଙ୍କୁ ପର୍ଯ୍ୟାପ୍ତ ପରିଷ୍କାର ପାନୀୟ ଜଳ ଦିଅନ୍ତୁ । ଗୋରୁମାନଙ୍କୁ ଓଦା କିମ୍ବା ପାଣିରେ ଭିଜିଯାଇଥିବା ନଡ଼ା ଖାଇବାକୁ ଦିଅନ୍ତୁ ନାହିଁ । ଖାଇବାକୁ ଦେବା ପୂର୍ବରୁ ଏହାକୁ ଖରାରେ ଶୁଖାନ୍ତୁ । ପଶୁମାନଙ୍କର ଗୁହାଳ ଏବଂ ଏହାର ଚଟାଣ ଅଧିକ ସମୟ ପର୍ଯ୍ୟନ୍ତ ଓଦା ଏବଂ ଥଣ୍ଡା ରହିବା ଉଚିତ୍ ନୁହେଁ । ଗାଈ ମାନଙ୍କ ଠାରେ ଫାଟୁଆ ନ ହେବା ପାଇଁ ପ୍ରତି ୬ ମାସ ବ୍ୟବଧାନରେ ଟୀକାକରଣ କରନ୍ତୁ । ପ୍ରତି ବର୍ଷ ଫେବୃଆରୀ ଏବଂ ସେପ୍ଟେମ୍ବର ମାସରେ ଟୀକାକରଣ କରନ୍ତୁ । |
| ଛେଳି | PPR ରୋଗ ଶୀତଦିନେ 'ଛେଳି ମହାମାରୀ' ଭାବରେ ମଧ ଜଣାଶୁଣା । ଏହି ଭାଇରାଲ୍ ରୋଗ ଯାହା ଛେଳି ଏବଂ ମେଣ୍ଢାକୁ ପ୍ରଭାବିତ କରେ ଯାହା ହଠାତ୍ ଜ୍ୱର, ନିମୋନିଆ ଏବଂ କାଶ ସୃଷ୍ଟି କରେ । ପ୍ରଭାବିତ ପଶୁମାନେ ଅସ୍ଥିର ଦେଖାଯାନ୍ତି, ଶୁଷ୍କ ଚର୍ମ ଏବଂ ଭୋକିଲା ଥିଲା ଭଳିଆ ଦେଖାଯାନ୍ତି । ଗର୍ଭବତୀ ପ୍ରାଣୀ ଗର୍ଭପାତ କରିପାରନ୍ତି । ପଶୁମାନଙ୍କୁ ଉଚିତ୍ ସମୟରେ ଟୀକାକରଣ କରନ୍ତୁ । |

### ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ କାର୍ପ | ୨ ମାସ ରୁ ପ୍ରଜନନ ପର୍ଯ୍ୟନ୍ତ ଯାଆଁଳ ର ଉତ୍ତମ ବୃଦ୍ଧି ଏବଂ ବଞ୍ଚିବା ପାଇଁ ବୁଡି ଯାଉଥିବା ୩-୫ ମିଲିମିଟର ପ୍ୟାଲେଟ୍ ଭଳିଆ ସିଫାବୃଡ୍ କୁ ବ୍ୟବହାର କରନ୍ତୁ ଏବଂ ଯାଆଁଳ ଶରୀର ଓଜନର ଶତକଡା ୩ ରୁ ୫ ଭାଗ ଖାଦ୍ୟ ଖାଇବାକୁ ଦିଅନ୍ତୁ । ମାଛ ମାନଙ୍କର ରୋଗ ଏବଂ ମୃତ୍ୟୁହାର ରୋକିବା ପାଇଁ ପୋଖରୀ ଜଳର ଗୁଣବତ୍ତାକୁ ବଜାୟ ରଖନ୍ତୁ । ଏଥିପାଇଁ ପାଣିର ପିଏଚ୍ ୭.୫ ରୁ ୮.୫, ଦ୍ରବୀଭୂତ ଅମ୍ଳଜାନ ୫.୦ PPM, ତାପମାତ୍ରା ୨୫ ରୁ ୩୦° ସେଲସିୟସ, କ୍ଷାରତ୍ୱ ୭୫ ରୁ ୧୭୫ PPM ଏବଂ ଭାରୀ ଜଳୀୟତା ୭୫ ରୁ ୧୫୦ PPM ରହିବା ଆବଶ୍ୟକ । |

### କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | ତାପମାତ୍ରା ବଢ ଥିବାରୁ କୁକୁଡା ମାନଙ୍କୁ ଦ୍ୱିପହର ବେଳା ଖାଇବାକୁ ଦିଅନ୍ତୁ ନାହିଁ । ପକ୍ଷୀମାନଙ୍କୁ ସକାଳ ଏବଂ ସନ୍ଧ୍ୟା ସମୟରେ ଖାଇବାକୁ ଦେବା ଉଚିତ୍ । ଦିନେ ଛାଡି ଦିନେ ବ୍ଲିଚିଂ ପାଉଡରରେ କୁକୁଡ଼ା ୟୁନିଟ୍ କୁ ସଫା ରଖିବା ଅତ୍ୟନ୍ତ ଜରୁରୀ । |